# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

AOUBEA

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), *ସ୍ଥାପିତ* - ୦୭-୦୮-୧୯୭୭

*ରେଜିଷ୍ଟ୍ରେସନ ନଂ.* - ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫

*e-mail :-* aoubea@gmail.com, ୱେବ ସାଇଟ୍ www.aoubea.org


*ପରିପତ୍ର ସଂଖ୍ୟା :-* ୨୦-୨୦୧୮ ଭୁବନେଶ୍ୱର

*ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,* ୦୩.୧୦.୨୦୧୮

**ସେପ୍ଟେମ୍ବର ୫ ଦିଲ୍ଲୀ ସମାବେଶ : -** ସେଣ୍ଟର ଅଫ ଇଣ୍ଡିଆନ ଟ୍ରେଡ ୟୁନିଅନ (CITU) ଏବଂ ଅଲ ଇଣ୍ଡିଆ କିଶାନ ସଭା (AIKS) ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଶ୍ରମିକ ଓ କର୍ମଚାରୀ ବିରୋଧୀ ନୀତି ବିରୁଦ୍ଧରେ ଦିଲ୍ଲୀ ଠାରେ ଗତ ସେପ୍ଟେମ୍ବର ୫ ତାରିଖରେ ପାର୍ଲିଆମେଣ୍ଟ ଅଭିଯାନ କରଯାଇଥିଲା । ଅତ୍ୟାବଶକ ଜିନିଷର ଦର ଦାମ ବୃଦ୍ଧି, କୃଶକ ମାନଙ୍କ ଉପରେ କ୍ରମଶ ବଢି ଚାଲିଥିବା ଅଭାବି ବିକ୍ରିର ଅତ୍ୟାଧିକ ଚାପ ଏବଂ ସମସ୍ତ ଶ୍ରମିକ ଶ୍ରେଣୀ ଓ କର୍ମଚାରୀ ବିରୋଧୀ ନୀତି ବିରୁଦ୍ଧରେ ଏହି ବିଶାଳ ସମାବେଶରେ ଦେଶର କୃଶକ ସଂଗଠନ,ନିର୍ମାଣ ଶ୍ରମିକଙ୍କ ସଂଗଠନ,ବିଭିନ୍ନ ସରକାରୀ ସଂସ୍ଥାର ଠିକା କର୍ମଚାରୀ ସଂଗଠନ,ବିଭିନ୍ନ ଘରୋଇ ସଂସ୍ଥାର ଅସଂଗଠିତ କର୍ମଚାରୀ ସଂଗଠନ ଏବଂ ଏଲ.ଆଇ.ସି,ଜି.ଆଇ.ସି ଓ ବ୍ୟାଙ୍କ ଭଳି ପବ୍ଲିକ ସେକ୍ଟର ର ସମସ୍ତ ସଂଗଠନ ମଧ୍ୟ ସାମିଲ ହୋଇଥିଲେ । BEFI ତରଫରୁ ଏହି ବିଶାଳ ସମାବେଶରେ ସାମିଲ ହେବାପାଇଁ ନିସ୍ପତି ନିଆଯାଇଥିଲା। ସେହି କ୍ରମରେ ଆମ ରାଜ୍ୟ ଫେଡେରେସନ AOBEF ତରଫରୁ ମୋଟ ୧୩ ଜଣ ସାଥି ଯୋଗ ଦେଇଥିଲେ । ତନ୍ମଧ୍ୟରୁ AOUBEA ର ୪ ଜଣ ସାଥି ପ୍ରଦୀପ ସାରଙ୍ଗୀ,ସାଥି ଅଜୟ ମହାନ୍ତି ,ସାଥି ପଞ୍ଚାନନ ଡୁଡୁ ଓ ସାଥି ସୁଦର୍ଶନ ରଥ ଯୋଗଦାନ କରିଥିଲେ ।

**ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପୂରଣ: -**ଭୁବନେଶ୍ୱର କ୍ଷେତ୍ରର ବଡ଼ବିଲ୍ ଓ ସାଉଥ ବଳଣ୍ଡା ଶାଖା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ତା ୨୭.୦୮.୨୦୧୮ ରିଖ ରେ ସର୍କୁଲାର ନମ୍ବର ୫୨୪/୨୦୧୮ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରିଥିଲେ । ଆବେଦନକାରୀ ସାଥିମାନଙ୍କ ମଧ୍ୟରୁ ବରିଷ୍ଠତା ଭିତ୍ତି ରେ ନିମ୍ନୋକ୍ତ ଦୁଇଜଣ ସାଥିଙ୍କୁ ଗତ ତା ୦୧.୧୦.୨୦୧୮ରଖ ଠାରୁ ସ୍ପେଶାଲ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ପ୍ରଦାନ କରାଯାଇଅଛି ।

| କ୍ର | ସାଥିଙ୍କ ନାମ | ପଦବୀ | ଶାଖା | ନିଯୁକ୍ତି ପାଇଥିବା ଶାଖା |
|---|---|---|---|---|
| ୧ | ନିଶାଦ୍ ଇକବାଲ | Swo – B | କଟକ (ମୁଖ୍ୟ ) | ସାଉଥ ବଳଣ୍ଡା |
| ୨ | ସୌଭାଗ୍ୟ ରଞ୍ଜନ ବେହେରା | H/C – II | ବାଳମୁକୁଳି | ବଡ଼ବିଲ୍ |

**ନୂତନ ସାଥିଙ୍କ ଯୋଗଦାନ : -** ଇତି ମଧ୍ୟରେ ଗୁଜୁରାଟ ବରୋଦା ରିଜୋନ ପ୍ରତାପ ନଗର ଶାଖା ରୁ ଅନୁରୋଧ ବଦଳି ମାଧ୍ୟମରେ ସାଥି **ରାଜେଶ କୁମାର ମହାନ୍ତି** (swo – A )ବଦଳି ହୋଇ ଆସି ଆମ ରାଜ୍ୟ ଶ୍ରୀକୋଣା ଶାଖା ରେ ଯୋଗ ଦେଇଛନ୍ତି । ସେ ମଧ୍ୟ ଆମ ସଂଗଠନ ରେ ସାମିଲ ହୋଇଛନ୍ତି । ଆମ ରାଜ୍ୟ ସଂଗଠନ କମ୍ରେଡ ରାଜେଶ ଙ୍କୁ ଆମ ସଂଗଠନ କୁ ସ୍ୱାଗତ ଜଣାଉଛି ।

**ଅଫିସର୍ ପଦବୀରୁ କିରାଣୀ ପଦବୀକୁ ପ୍ରତ୍ୟାବର୍ତ୍ତନ : -** ଗତ କ୍ଳର୍କ ରୁ ଅଫିସର୍ ପ୍ରମୋଶନ ପ୍ରକ୍ରିୟାରେ ଭାଗ ନେଇ ପଦୋନ୍ନତି ପାଇଥିବା ହରିଶ ଚନ୍ଦ୍ର ଶବର ଜୁନାଗଡ ଶାଖାରୁ ଆସି ଅଫିସର ଭାବରେ କେସୁଦୂରପାଳ ସଖାରେ ଯୋଗ ଦେଇଥିଲେ। ସେ ତାଙ୍କ ବ୍ୟକ୍ତିଗତ ଅସୁବିଧା ର କାରଣ ଦର୍ଶାଇ ପୁନଃ କିରାଣୀ ପଦବୀକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଥିଲେ । କର୍ତ୍ତୃପକ୍ଷ ତାଙ୍କ ଆବେଦନ ପତ୍ରକୁ ଗ୍ରହଣ କରି ତାଙ୍କୁ ପୁନଃ କିରାଣୀ ପଦବୀରେ ଯୋଗଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ ତା ୦୧.୧୦.୨୦୧୮ ରିଖରେ ତାଙ୍କ ପୂର୍ବ ଶାଖା ଜୁନାଗଡ ଠାରେ SWO – A ଭାବେ ଯୋଗ ଦେଇଛନ୍ତି। ଏଥୀ ସହିତ ଅଲ ଇଣ୍ଡିଆ ମେରିଟ ଚାନେଲରେ ଅଫିସର ଭାବେ ପଦୋନ୍ନତି ପାଇଥିବା ସାଥି ଜୀବନ କୁମାର ଜେନା ମଧ୍ୟ କିରାଣୀ ପଦକୁ ପ୍ରତ୍ୟାବର୍ତ୍ତନ ପାଇଁ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଛନ୍ତି ।

**ଅନୁରୋଧ ବଦଳି : -**

ନିମ୍ନୋକ୍ତ ସାଥି ମାନେ ନିଜ ଅନୁରୋଧକ୍ରମେ ବଦଳି ଆଦେଶ ପାଇ ବଦଳି ହୋଇ ଥିବା ଶାଖାରେ ଯୋଗ ଦେଇଛନ୍ତି ।

| କ୍ର | ନାମ | ପଦବୀ | କେଉଁ ଶାଖା ରୁ ଆସିଲେ | ବର୍ତ୍ତମାନ ଶାଖା |
|---|---|---|---|---|
| 1 | ସୁମିତ୍ରା ରାଣୀ ପଲାଇ | H/C – II | ବାନ୍ଧବାହାଲ | ଚେନାଇ ରିଜୋନ |
| 2 | ପାର୍ଥ ସାରଥି ମହାନ୍ତି | H/C – II | ଖରିଆର ରୋଡ | ତାଳଚେର |

**କାର୍ଯ୍ୟନିର୍ବାହୀ କମିଟି ବୈଠକ : -** ଆମ ରାଜ୍ୟ ସଂଗଠନର କାର୍ଯ୍ୟନିର୍ବାହୀ କମିଟି ବୈଠକ ତା ୦୨.୧୦.୨୦୧୮ ରିଖ ଦିନ ଭୁବନେଶ୍ୱର ମୁଖ୍ୟ ଶାଖା ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆମ ସଂଗଠନର ସଭାପତି ସାଥି ଉପେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ । ସାରା ରାଜ୍ୟର ବିଭିନ୍ନ ଶାଖାରୁ ୪୭ ଜଣ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ମେମ୍ବର ଏହି ବୈଠକରେ ଯୋଗଦେଇଥିଲେ। ସର୍ବ ଭାରତୀୟ ସଂଗଠନ **BEFI**ର ସାଙ୍ଗଠନିକ କର୍ଜ୍ୟକ୍ରମ ର ଅଂଶ ସ୍ୱରୂପ **AOBEF** ର ଉପ ସାଧାରଣ ସମ୍ପାଦକ ସାଥି ସୁଶୀଲ ଗିରି ଏହି ସଭାରେ **AOBEF** ର ପ୍ରତିନିଧିତ୍ୱ କରିଥିଲେ । ସଭା ପ୍ରାରମ୍ଭରେ ସଭାପତି ଆମ ରାଜ୍ୟ ଓ ଦେଶରେ ଯେଉଁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ଦେହାବସାନ ଘଟିଛି ସେମନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦେଶ୍ୟରେ ଏକ ମିନିଟ ର ନୀରବ ପ୍ରାର୍ଥନା କରିବା ପାଇଁ ସମସ୍ତଙ୍କୁ କହିଥିଲେ । ସଭାର ପ୍ରଥମ ଆଲୋଚ୍ୟ ବିଷୟ ଥିଲା ଏଓବିଇଏଫ ଓ ବେଫି ସମ୍ମିଳନୀରେ ଆମ ସଂଗଠନର ଭୂମିକା । ସାଧାରଣ ସମ୍ପାଦକ ସାଥି ଅଜୟ ମହାନ୍ତି କହିଥିଲେ ଯେ ଆସନ୍ତା ଅକ୍ଟୋବର ୧୩ ୧୪ ଦୁଇ ଦିନ କଟକ କଳାବିକାଶ କେନ୍ଦ୍ର ଠାରେ **AOBEF** ର ସମ୍ମିଳନୀ ଅନୁଷ୍ଠିତ ହେବ । ଏବଂ ୨୦୧୯ ଜାନୁୟାରୀ ମାସ ୨୮ ୨୯ ୩୦ ୩୧ ଚାରି ଦିନ ଧରି ତିରୁବନ୍ତପୁରମ୍ କେରଳ ଠାରେ **BEFI** ର ସର୍ବ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥି ସହିତ ଡିସେମ୍ବର ୧୮ ରେ ଆମ କେନ୍ଦ୍ର ଫେଡେରେସନ୍ **AUBEF** ତାର ହୀରକ ଜୟନ୍ତୀ ସମାରୋହ କଲିକତା ଠାରେ ପାଳନ କରିବାକୁ ଯାଉଅଛି। ଏହି ସବୁ କର୍ଜ୍ୟକ୍ରମ କରିବା ପାଇଁ ଆମ ଉପରେ ନ୍ୟସ୍ତ ପାଣ୍ଠି କିପରି ଭାବରେ ସଂଗ୍ରହ କରାଯିବ ସେ ବିଷୟରେ ବିସ୍ତୃତ ଅଲୋଚନା କରଯାଇଥିଲା । ସମସ୍ତ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ମେମ୍ବର ମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ । ସଂଗଠନ ର କୋଷାଧକ୍ଷ ସାଥି ସୁରେଶ ନାୟକ କେଉଁ ଶାଖା କେତେ ଅର୍ଥ ପଇଠ କରିବେ ତାର ଏକ ଚିଠା ପ୍ରଦାନ କରିଥିଲେ। ସର୍ବଶେଷରେ ଚୁଡାନ୍ତ ହେଲା ଯେ ଆମ ରାଜ୍ୟ ରେ ଥିବା ସବୁ ୟୁନିଟ ମାନେ ନିଜ ସାଧ ମତେ ପାଣ୍ଠି ସଂଗ୍ରହ କରି ଆମ ସଂଗଠନ ଖାତା **( 407102070007603 )** କୁ ପଠାଇବାକୁ ଯତ୍ନ ନେବେ[ ଗ୍ରାମୀଣ ଶାଖା ୩୦୦୦,ଅର୍ଦ୍ଧ ସହରାଞ୍ଚଳ ୧୦୦୦୦ ଓ ସହରାଞ୍ଚଳ (ଷ୍ଟେସନ) ୨୫୦୦୦]। **AOBEF** ସମ୍ମିଳନୀ ପାଇଁ ୧୭ ଜଣ ପ୍ରତିନିଧି ଓ ୧୭ ଜଣ ଦେଖଣାହାରୀ ଯିବାକୁ ଆମ ସଂଗଠନ ତରଫରୁ ସ୍ଥିର କରାଗଲା । ସମସ୍ତ କର୍ମକର୍ତ୍ତା, କାର୍ଯ୍ୟନିର୍ବାହୀ କମିଟି ମେମ୍ବର ଓ ମହିଳା ସବକମିଟି ସଦସ୍ୟା ଏହି ସମ୍ମିଳନୀ ରେ ଯୋଗଦାନ କରିବା ପାଇଁ ସ୍ଥିର କରାଗଲା ।ଏହା ପରେ ଚେନ୍ନାଇ ରେ ହୋଇ ଥିବା ସେଣ୍ଟ୍ରାଲ କମିଟି ମିଟିଂ ର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ସଭାପତି ଉପେନ୍ଦ୍ର ମହାନ୍ତି । ସେ କହିଥିଲେ ଅଲ ଇଣ୍ଡିଆ ୟୁନିଅନ୍ ବ୍ୟାଙ୍କ ଏମ୍ପ୍ଲୟିସ ଫେଡେରେସନ(**AIUBEF**) ଓ ୟୁନିଅନ୍ ବ୍ୟାଙ୍କ କର୍ମଚାରୀ ସେନା(**UBKS**)ର ସହଭାଗିତା ର ଅବସାନ ଘଟିଛି । କର୍ମଚାରୀ ସେନାର ନେତୃତ୍ୱ ମାନେ ଗତ ପ୍ରମୋଶନ ପ୍ରକ୍ରିୟାରେ ଭାଗ ନେଇ ପ୍ରମୋଶନ ନେଇଥିବାରୁ ସ୍ୱେଚ୍ଛାକୃତ ଭାବେ ଫେଡେରେସନ ସହିତ ଥିବା ସହଭାଗିତାରୁ ଓହରି ଯାଇଛନ୍ତି । ଓଡିଶାରେ ହେବାକୁ ଥିବା ପରବର୍ତ୍ତୀ ସେଣ୍ଟ୍ରାଲ କମିଟି ବୈଠକରେ ଫେଡେରେସନ ର ଖାଲି ପଡିଥିବା କର୍ମକର୍ତ୍ତା ଓ ସେଣ୍ଟ୍ରାଲ କମିଟି ମେମ୍ବର ପଦବୀ ପୂରଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା । ଓଡିଶାରୁ ଏହି ବୈଠକ ପାଇଁ ୪ ଜଣ ସାଥି ପ୍ରଦୀପ ଷଡଙ୍ଗୀ **,** ସାଥି ଉପେନ୍ଦ୍ର ମହାନ୍ତି **,** ସାଥି ଅଜୟ ମହାନ୍ତି ଓ ସାଥି ଅଞ୍ଜୁ ଭୁମିକ୍ ଯୋଗ ଦେଇଥିଲେ । ଏହାପରେ ରାଜ୍ୟ ସଂଗଠନ ର ସାଧାରଣ ସମ୍ପାଦକ ସାଥି ଅଜୟ ମହାନ୍ତି ୧୧.୦୯.୨୦୧୮ ତାରିଖରେ ହୋଇଥିବା ଭୁବନେଶ୍ୱର ଆଇ ଆର ମିଟିଂ ର ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ଶେଷ ଆଲୋଚନା କରିଥିଲେ ସାଥି ପ୍ରଦୀପ ଷଡଙ୍ଗୀ ଆମର ବହୁ ପ୍ରତିକ୍ଷିତ **୧୧ତମ ଦ୍ୱିପାକ୍ଷିକ ରାଜିନାମା** ବିଷୟରେ । ସେ କହିଥିଲେ ଯେ ଗତ ୨୯.୦୯.୨୦୧୮ ତାରିଖରେ **IBA** ଓ **UFBU** ମଧ୍ୟରେ ମଜୁରି ବୃଦ୍ଧି ସଂକ୍ରାନ୍ତ ରେ ବସିଥିବା ବୈଠକ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛି । କାରଣ ଗତ ଜୁଲାଇ ୩୦ ତାରିଖରେ **IBA** ଯେଉଁ ୬% ମଜୁରି ବୃଦ୍ଧିର ପ୍ରସ୍ତାବ ଦେଇଥିଲା ତାହା ଉପରେ ଆଉ କୌଣସି ବୃଦ୍ଧି କରିବ ନାହିଁ ବୋଲି ଘୋଷଣା କରିଥିଲା । ଆହୁରି ମଧ ନିଜ ତରଫରୁ ଏକ ମାରାତ୍ମକ ପ୍ରସ୍ତାବ ଉପରେ **UFBU** କୁ ବିଚାର କରିବାପାଇଁ କହିଥିଲା । ପ୍ରସ୍ତାବ ଥିଲା ବ୍ୟାଙ୍କ ସମୂହକୁ ଅଲଗା ଅଲଗା ଶ୍ରେଣୀ ରେ ବିଭକ୍ତ କରିବା । ଶ୍ରେଣୀ ଭୁକ୍ତ ବ୍ୟାଙ୍କ ମାନେ ନିଜ ନିଜର ଲାଭାଂଶରୁ କର୍ମଚାରୀ ମାନଙ୍କ ମଜୁରି ବୃଦ୍ଧି କେତେ ହେବ ତାହା ନିର୍ଧାରଣ କରିବେ । ଆହୁରି ମଧ କର୍ମଚାରୀ ମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ମଜୁରି ବୃଦ୍ଧି ନିର୍ଭର କରିବ ବୋଲି ପ୍ରସ୍ତାବରେ ଉଲ୍ଲେଖ ଥିଲା। **IBA** ର ଏହି ସବୁ କର୍ମଚାରୀ ବିରୋଧୀ ଘୋଷଣା କୁ **UFBU** ସଂପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରିଥିଲା । ଆସନ୍ତା ୧୨ ତାରିଖରେ **UFBU** ର କର୍ମକର୍ତ୍ତା ବୈଠକରେ ଭବିଷ୍ୟତ କାର୍ଜ୍ୟପନ୍ଥା ନିର୍ଦ୍ଧାରଣ କରାଯିବା ପାଇଁ ନିଷ୍ପତି ନିଆଯାଇଛି ।

ସାଥୀଗଣ ବର୍ତ୍ତମାନ ଆମ ସମସ୍ତଙ୍କ ଉପରେ ଏକ ଗୁରୁ ଦାଇତ୍ୱ ଆସି ପହଞ୍ଚିଛି ୪ ଟି ସାଙ୍ଗଠନିକ କାର୍ଜ୍ୟକ୍ରମ (AOBEF ଓ BEFI ସମ୍ମିଳନୀ,AIUBEF ର ହୀରକ ଜୟନ୍ତୀ ସମାରୋହ ଓ ଆମ ରାଜ୍ୟରେ ହେବାକୁ ଥିବା ସେଣ୍ଟ୍ରାଲ କମିଟି ବୈଠକ) ପାଇଁ ଆବଶ୍ୟକ ପାଣ୍ଠିର ସଂଗ୍ରହ ଯେପରି ପୂର୍ବରୁ ଅନେକ ଥର ସଫଳତାର ସହ କରିଛନ୍ତି ଏଥର ମଧ ସେହିପରି ସଫଳତା ପୂର୍ବକ ସଂଗ୍ରହ କରିବା ପାଇଁ ଆପଣ ମାନଙ୍କୁ ଅନୁରୋଧ ।

**ଆସନ୍ତା ୧୨.୧୦.୨୦୧୮ ତାରିଖରେ IBA ଓ UFBU ମଧ୍ୟରେ ମଜୁରି ବୃଦ୍ଧି ରାଜିନାମା ବୈଠକ ଅନୁଷ୍ଠିତ ହେବ ।**

ଅଜୟ କୁମାର ମହାନ୍ତି

Address-Gen. Secy,,AOUBEA, c/o Union Bank of India, Nayapalli Branch, 3/1-A,Civic Centre, IRC Village, Nayapalli, Bhubaneswar-751015